# Akashvani, Sambalpur

# SAMBALPURI NEWS BULLETIN

## 31 March 2025- 6.47- 6.52 am.

*********************************************

ଓଡ଼ିଆ ପକ୍ଷ -ସଂସ୍କୃତି ମନ୍ତ୍ରୀ I&PR

ଏପ୍ରିଲ୍ ୧ ତାରିଖ୍ ଓଡ଼ିଶା ଦିବସ୍ ନୁ ଏପ୍ରିଲ୍ ୧୪ ତାରିଖ୍ ଓଡ଼ିଆ ନୂଆବଛର୍‌ତକ୍ ଓଡ଼ିଆ ପକ୍ଷ ପାଳନ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ଘୋଷ୍‌ନା କରିଛନ୍ । ଇ ୧୪ ଦିନ୍ ଭିତ୍‌ରେ ସର୍‌କାର୍‌ଙ୍କର୍ ତର୍‌ଫୁ ରାଜ୍ୟସ୍ତର୍‌ନୁ ମୁଲ୍ କରିକରି ବ୍ଲକ୍ ସ୍ତର୍‌ତକ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା । ୧ ତାରିଖ୍ ଓଡ଼ିଶା ପ୍ରଦେଶ୍ ଗଠନ୍ ଦିବସ୍, ୨ ତାରିଖ୍ ଶିଶୁବାଟିକା ନ ନାଁଲେଖା, ୩ ତାରିଖ୍ ଆମ ପୋଷାକ - ଆମ ପରିଚୟ କାର୍ଯ୍ୟକ୍ରମ୍‌ବାଗିର୍ ୧୪ ଦିନ୍ ଯାକ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ବଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍-ସଂସ୍କୃତି ମନ୍ତ୍ରୀ)

ଓଡ଼ିଆ ପକ୍ଷ ପାଲନ୍‌କେ ନେଇକରି ମନ୍ତ୍ରୀ ଶ୍ରୀ ସୂରଜ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଆଭାସୀ ଜରିଏ ଗୁଟେ ପ୍ରସ୍ତୁତି ବୈଠକ

ଭିଲ୍ ହେଇଯାଇଛେ । ଓଡ଼ିଆ ପକ୍ଷ ବଡ଼ା ଉସ୍ନାକିଥି ପାଲନ୍ କର୍ବାର୍ ଲାଗି ମନ୍ତ୍ରୀ ସବୁ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ରାଜ୍ୟପାଲ୍ I&PR

ଭୁବ୍ନେଶ୍ୱର୍ ରାଜ୍ଭବନ୍ ଠାନେ ରାଜସ୍ଥାନ୍ ପ୍ରତିଷ୍ଠା ଦିବସ୍, ତେଲୁଗୁ ନୂଆବଛର୍ -ଉଗାଡି, ମହାରାଷ୍ଟ୍ରର୍ ନୂଆଁବଛର୍ ଗୁଡ଼ି ପଡ଼ୱା ପରବ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍, ଇ ଉତ୍ସବ୍ ଭାରତ୍ର ବିବିଧତା ଭିତ୍ରେ ଏକତା ଆଉ ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍ ଭାବ୍ନାକେ ଆହୁରି ବର୍କସ୍ ଭାବେ ଦର୍ଶଉଛେ । ଇତିହାସ୍ ଆର୍ ପରମ୍ପରାଥି ଗୁହେର୍ଥି ରହିଥିବା ଇ ଉତ୍ସବ୍ ମାନେ ଆମର୍ ଜାତିର୍ ସାଂସ୍କୃତିକ୍ ବିଶେଷତ୍ୱକେ ଦର୍ଶଉଛେ ବଲି ରାଜ୍ୟପାଲ୍ କହିଛନ୍ ।

ଅନ୍ତ୍ୟୋଦୟ ଯୋଜ୍ନା ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ କଲାହାଣ୍ଡି ଜିଲ୍ଲା ଭବାନୀପାଟ୍ନାଠାନୁ ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ଶୁଭାରମ୍ଭ କରିକରି ୬୦ ହଜାର୍ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ବାଂଟିଛନ୍ । ଇ ଅବ୍‌ସରେ ସାରା ରାଏଜେ ଜିଲ୍ଲାସ୍ତରୀୟ ଆଉ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ୍‌ମାନ୍‌କେ ହିତାଧିକାରୀମାନ୍‌କୁ କାର୍ଯ୍ୟାଦେଶ୍ ବଂଟାଯାଇଛେ ।

ବଲାଙ୍ଗିର୍ ଜିଲ୍ଲା ଭୀମଭୋଇ ମେଡ଼ିକାଲ୍ ଆଉ ହସ୍ପିଟାଲ୍‌ର ଅଡିଟୋରିୟମ୍ ଠାନେ ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ ଦେଖାଯିବାର୍ ସହେତେ ଯୋଜ୍ନାର୍ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ହେଇଯାଇଛେ । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ଇଥି ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ କାର୍ଯ୍ୟାଦେଶ୍ ବାଂଟିଛନ୍ ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ହାଇସ୍କୁଲ୍ ପଡ଼ିଆ ଆଉ ରିଆମାଲ୍ କଲ୍ୟାଣ୍‌ମଣ୍ଡପ୍ ଠାନେ ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ ଦେଖାଯାଇଥିଲା । ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଯୋଜ୍ନାର୍ ଯୋଗ୍ୟ ହିତାଧିକାରୀମାନ୍‌କୁ କାର୍ଯ୍ୟାଦେଶ୍ ବଂଟାଯାଇଥିଲା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି I&PR

ଆଏଜ୍ ସର୍କାରୀ ଛୁଟି ଥିବାର୍‌ନୁ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଇଦ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ଆଏଜ୍ ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କର୍ ପବିତ୍ର ଇଦ୍-ଉଲ୍-ଫିତର୍ ପରବ୍ ପାଲନ୍ କରାଯାଉଛେ ।ମୁସଲ୍‌ମାନ୍ ଭାଏବହେନ୍‌ମାନେ ଗଲା ମାସେ ହେଲା ପବିତ୍ର ରମ୍‌ଜାନ୍ ମାସ୍ ପାଲନ୍ କରିକରି ରୋଜା ରଖୁଥିଲେ । ସୂର୍ଯ୍ୟୋଦୟନୁ ସୂର୍ଯ୍ୟାସ୍ତ ତକ୍ ଉପାସ୍ ରହୁଥିଲେ । ଇ ମାସ ଗରିବ୍ ମାନ୍‌କୁ ଦାନ୍ ଧରମ୍ ଭିଲ୍ କରୁଥିଲେ । ଇ ଧରମ୍ ମାସ୍‌ର ଆଏଜ୍ ଇଦ-ଉଲ୍-ଫିତର୍-'ଇଦ୍' ସାଙ୍ଗେ ଶେଷ୍ ହେବା । ମୁସ୍‌ଲ୍‌ମାନ୍ ଭାଏବହେନ୍‌ମାନ୍‌କର୍ ଲାଗି ଆଏଜ୍ ଗୁଟେ ଆନନ୍ଦର ପରବ୍

ଆଏ । ଆଝିର୍ ଦିନେ ଇଦ୍ ମୁବାରକ୍ କହିକରି ପରସ୍ପରକେ ଅଭିନନ୍ଦନ୍ ଜନାସନ୍ ।

ପବିତ୍ର ଇଦ୍-ଉଲ୍-ଫିତର୍ ଅବ୍‌ସରେ ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି ରାଜ୍ୟର୍ ସବୁ ମୁସଲ୍‌ମାନ୍ ଭାଏବହେନ୍‌ମାନ୍‌କୁ ଶୁଭେଚ୍ଛା ଜନେଇକରି ଶାନ୍ତି, ମୈତ୍ରୀ ଆର୍ ଆନନ୍ଦ, ଉଲ୍ଲାସ୍‌ର ଇ ପରବ୍‌ଥି ସଭେ ସାମିଲ୍ ହେବାର୍‌କେ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁସଲ୍‌ମାନ୍ ଭାଏ ବହେନ୍ ମାନ୍‌କୁ ଶୁଭେଚ୍ଛା ଜନେଇକରି ସମ୍‌କର୍ ସୁଖ୍, ସମୃଦ୍ଧି କାମ୍‌ନା କରିଛନ୍ ।

ସମ୍ବଲ୍‌ପୁର୍- ହନୁମାନ୍ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ହିନ୍ଦୁ ନବବର୍ଷ, ହନୁମାନ୍ ଜୟନ୍ତୀ ଆଉ ରାମ୍‌ନଅମୀ କେ ନେଇକରି ସମ୍ବଲ୍‌ପୁର୍ ସହର୍ ଇହାଦେ ପୁଲିସ୍ ଛାଉଣି ପାଲ୍‌ଟିଛେ । ସହରର୍ ଫି' ସମ୍ବେଦନ୍‌ଶୀଲ୍ ଜାଗାମାନ୍‌କେ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଇହାଦେ ସହରେ ୨ କମ୍ପାନୀ ସିଆର୍‌ପିଏଫ୍, ଗୁଟେ କମ୍ପାନୀ ରାପିଡ୍ ଆକ୍‌ସନ୍ ଫୋର୍ସ ଆର୍ ୧୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ରହିଛନ୍ । ସମ୍ବେଦନ୍‌ଶୀଲ୍ ଜାଗାମାନ୍‌କେ ସିସିଟିଭି କେମ୍‌ରା ଆର୍ ଡ୍ରୋନ୍

କେମ୍‌ରା ଜରିଏ ନଜର୍ ରଖାଯାଉଛେ । ହିନ୍ଦୁ ନବବର୍ଷ ଉଧେ ଗଲାକାଏଲ୍ ସମ୍ବଲ୍‌ପୁର୍ ସହରେ ହନୁମାନ୍ ଜୟନ୍ତୀ ଲାଗି ଧ୍ୱଜାରୋହଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ହିନ୍ଦୁ ନବବର୍ଷ -ନୂଆପଡ଼ା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ହିନ୍ଦୁ ନବବର୍ଷ ପାଲିତ୍ ହେଇଯାଇଛେ । ଉତ୍ସବ୍ ପାଲନ୍ କମିଟି ଅଧ୍ୟକ୍ଷ ବିନୋଦ ବିହାରୀ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସାଂସ୍କୃତିକ୍ ସଭାଥି ଅତିଥିମାନେ ଯୁଆନ୍ ପିଢ଼ି ପାଶ୍ଚାତ୍ୟ ସଭ୍ୟତାକେ ଭୁଲିକରି ସନାତନ୍ ପରମ୍ପରା ଅନ୍‌ସାରେ ଚୈତ୍ ମାସର୍ ପ୍ରତିପଦା ଅବ୍‌ସରେ ନୂଆବଛର୍ ପାଲନ୍ କର୍‌ବାର୍ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ସମ୍ବଲପୁର

କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏଜ୍ ବୌଦ୍ଧ, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ୧୪ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ୫୦ ନୁ ୬୦ କିଲୋମିଟର ବେଗଥି ପବନ୍ ବହିବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍

କରିଛେ ।  ଆଏବା ୪ ଦିନ୍‌ତକ୍ ତାତି ନାଇଁ ବଢ଼େ । ଗଲାକାଏଲ୍
ରାଜ୍ୟର୍ ସବୁ ଜିଲ୍ଲା ନ ତାପମାତ୍ରା ୪୨ ଡିଗ୍ରୀନୁ କମ୍ ରହିଥିଲା ।